# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16 June – 2025

************************************

## ମୁଖ୍ୟ ସମ୍ବାଦ

- ଦେଶରେ ପରବର୍ତ୍ତୀ ଜନଗଣନା ପାଇଁ ବିଜ୍ଞପ୍ତି ଜାରି କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

– ଦୁଇଟି ପର୍ଯ୍ୟାୟରେ କରାଯିବ ଜନଗଣନା

- ଝାଡ଼ାବାନ୍ତି ରୋଗ ସଂକ୍ରମଣକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଆଜିଠୁ ରାଜ୍ୟବ୍ୟାପୀ ଆରମ୍ଭ ହେଲା 'ଷ୍ଟପ୍ ଡାଇରିଆ ଅଭିଯାନ'

- ଗ୍ରୀଷ୍ମ ଅବକାଶ ପରେ ଆସନ୍ତା ଶୁକ୍ରବାରରୁ ଖୋଲିବ ବିଦ୍ୟାଳୟ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଜ୍ୱର ଉପଶମ ପାଇଁ ହେବ ଫୁଲୁରୀ ତେଲ ଲାଗି ନୀତି

**Desk**

## ଜନଗଣନା ଇଣ୍ଟ୍ରୋ

ଦେଶରେ ପରବର୍ତ୍ତୀ ଜନଗଣନା ପାଇଁ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି । ଚଳିତ ଥର ଦୁଇଟି ପର୍ଯ୍ୟାୟରେ ଜନଗଣନା କରାଯିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏହି ବିଜ୍ଞପ୍ତି ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

**Desk**

## *ଜନଗଣନା*V/O

*ଷୋଡ଼ଶତମ ଜନଗଣନା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ୨୦୨୭ ମସିହା ମାର୍ଚ୍ଚ ପହିଲାରୁ ଦେଶରେ ଜନଗଣନା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଲଦାଖ, ଜାମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ୨୦୨୬ ଅକ୍ଟୋବର ପହିଲାରୁ ଏହା ଆରମ୍ଭ କରାଯିବ। ସେହି ଅଞ୍ଚଳଗୁଡ଼ିକରେ ତୁଷାରପାତକୁ ଦୃଷ୍ଟିରେ ରଖି ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି। ପ୍ରଥମଥର ପାଇଁ ଚଳିତଥର ଜାତିଭିତ୍ତିକ ଜନଗଣନା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଦୁଇଟି ପର୍ଯ୍ୟାୟରେ ଏଥର ଜନଗଣନା କରାଯିବ। ପ୍ରଥମ ପର୍ଯ୍ୟାୟରେ ଆବାସ ତାଲିକାକରଣ, ପ୍ରତ୍ୟେକ ପରିବାରର ବାସସ୍ଥାନ, ସମ୍ପତ୍ତି, ସାମ୍ପ୍ରତିକ ସ୍ଥିତି ଆଦି ନେଇ ତଥ୍ୟ ସଂଗ୍ରହ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା, ପ୍ରତ୍ୟେକ ପରିବାରରେ ସଦସ୍ୟ ସଂଖ୍ୟା, ସାମାଜିକ–ଅର୍ଥନୈତିକ, ସାଂସ୍କୃତିକ ଏବଂ ଅନ୍ୟାନ୍ୟ ବିବରଣୀ ସଂଗ୍ରହ କରାଯିବ।*

*ମୋବାଇଲ ଆପ୍ଲିକେଶନ ବ୍ୟବହାର ମାଧ୍ୟମରେ ଜନଗଣନା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ନେଇ ନିଷ୍ପତ୍ତି ହୋଇଛି । ତଥ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରାୟ ୩୪ ଲକ୍ଷ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ଓ ୧ ଲକ୍ଷ ୩୦ ହଜାର ଜନଗଣନା କାର୍ଯ୍ୟକର୍ତ୍ତା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଉପଯୋଗ ମାଧ୍ୟମରେ ଏହି ଗଣନା କାର୍ଯ୍ୟ କରିବେ । ସୂଚନାଯୋଗ୍ୟ, ପ୍ରତି ୧୦ ବର୍ଷରେ ଥରେ ଦେଶରେ ଜନଗଣନା କରାଯାଇଥାଏ । ୨୦୧୧ ମସିହାରେ ଶେଷ ଥର ପାଇଁ ଜନଗଣନା କରାଯାଇଥିଲା । ତେବେ ୨୦୨୧ ମସିହାରେ ହେବାକୁ ଥିବା ଜନଗଣନା କାର୍ଯ୍ୟକୁ କରୋନା ମହାମାରୀ ପରିପ୍ରେକ୍ଷୀରେ ସ୍ଥଗିତ ରଖାଯାଇଥିଲା । ୨୦୧୧ ମସିହା ଜନଗଣନା ଅନୁଯାୟୀ ଦେଶରେ ମୋଟ୍ ଜନସଂଖ୍ୟା ୧୨୧ କୋଟି ୮୫ ଲକ୍ଷ ୪ ହଜାର ୯୭୭ ରହିଥିଲା । ଉତ୍ତର ପ୍ରଦେଶ ଜନବହୁଳ ରାଜ୍ୟ ହୋଇଥିବା ବେଳେ ସିକିମ କମ ଜନବହୁଳ ରାଜ୍ୟଭାବେ ଚିହ୍ନଟ ହୋଇଥିଲା ।*

*ନୀନା ସାହୁ, କଟକ ଆକାଶବାଣୀ ସମ୍ବାଦ ବିଭାଗ*

***Kendrapara***

## ଷ୍ଟପ୍ ଡାଇରିଆ ଅଭିଯାନ

ରାଜ୍ୟରେ ଆଜିଠାରୁ 'ଷ୍ଟପ୍ ଡାଇରିଆ ଅଭିଯାନ' ଆରମ୍ଭ ହୋଇଛି । ୪୫ଦିନ ଧରି ଚାଲିବାକୁ ଏହି କାର୍ଯ୍ୟକ୍ରମ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ରୋଗର କାରଣ ଓ ନିରାକରଣ ସମ୍ପର୍କରେ

ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନ ଆରମ୍ଭ କରାଯାଇଛି।  ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ସହ ସେଠାରେ ଜଳ ଉତ୍ସ ବିଶୋଧନ, ଓ.ଆର୍.ଏସ୍. ହାଲୋଜେନ୍ ଏବଂ ଜିଙ୍କ୍ ଆଦି ଔଷଧ ବଣ୍ଟନ କରିବା ପାଇଁ ପଦକ୍ଷେପ ନିଆଯିବ। ଏହି ଅଭିଯାନରେ ଆଶାକର୍ମୀମାନେ ଘରକୁ ଘର ବୁଲି ଆକ୍ରାନ୍ତଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ସହ ଲୋକଙ୍କୁ ସଚେତନ କରାଇବେ। ପରିଷ୍କାର ପରିଚ୍ଛନ୍ନତା ଏବଂ ଛତା ନେଇ ଲୋକଙ୍କୁ ଅବଗତ କରାଇବାର ବ୍ୟବସ୍ଥା ହୋଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ରଥ ବୁଲିବା ଆରମ୍ଭ କରିଛି।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଢେଙ୍କାନାଳ ଜିଲ୍ଲା ଭୁବନ ଗସ୍ତରେ ଯାଇ ଏହି ଅଭିଯାନକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଚିକିତ୍ସାଧୀନ ଆକ୍ରାନ୍ତଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧ୍ୟ ଏହି ଅଭିଯାନର ଶୁଭାରମ୍ଭ ହୋଇଥିବା ନେଇ ସମ୍ବାଦ ଆମର ହସ୍ତଗତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟଠାରେ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଏହି ଅଭିଯାନର ଉଦ୍‌ଘାଟନ କରିଛନ୍ତି।

*Jajpur*

## ଯାଜପୁର- ଡାଇରିଆ

ଯାଜପୁର ଜିଲ୍ଲାର ଡାଇରିଆ ସ୍ଥିତି ସ୍ଥିର ରହିଛି। ଡାକ୍ତରଖାନାଗୁଡ଼ିକରେ ଚିକିତ୍ସା ପାଇଁ ଭର୍ତ୍ତି ହେଉଥିବା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ଯ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲାର ଆଜି ବିଭିନ୍ନ ଡାକ୍ତରଖାନାରେ ୨୬୦ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଥିବାବେଳେ ଯାଜପୁର ରୋଡ୍ ଡାକ୍ତରଖାନାରେ ୧୨ ଜଣ ନୂଆ ଝାଡ଼ାବାନ୍ତି ରୋଗୀ ଭର୍ତ୍ତି ହୋଇଛନ୍ତି। ରୋଗୀଙ୍କର ଚିକିତ୍ସା ଏବଂ ରୋଗ କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ବୃଦ୍ଧି ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଭାବିତ ଅଞ୍ଚଳ ବ୍ୟତୀତ ଜିଲ୍ଲାର ଅନ୍ୟ ସ୍ଥାନରୁ ଝାଡ଼ାବାନ୍ତି ରୋଗ ନେଇ କୌଣସି ସୂଚନା ମିଳିନଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଆଧାରରେ ଆମ ସମ୍ବାଦଦାତା କହିଛନ୍ତି। ରୋଗ କାରଣ ଏବଂ ଏହାକୁ ପ୍ରତିହତ କରିବାର ବାର୍ତ୍ତା ନେଇ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ରଥ ପରିକ୍ରମା କରୁଛି। ପାଣି ଫୁଟାଇ ପିଇବାକୁ ଲୋକଙ୍କୁ ଅନୁରୋଧ କରାଯାଉଛି ବୋଲି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ କହିଛନ୍ତି।

**- V/O -**

ସୂଚନାଯୋଗ୍ୟ, ଆଜି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏସ୍.ଅଶ୍ୱିଥି ଦ୍ୱିତୀୟଥର ପାଇଁ ଯାଜପୁର ଗସ୍ତରେ ଯାଇ ବିଭିନ୍ନ ଡାକ୍ତରଖାନା ପରିଦର୍ଶନ କରିବା ସହ ସଂକ୍ରମଣ ସ୍ଥିତି ନେଇ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

***HS***

## ଭୁବନେଶ୍ୱର- ଡାଇରିଆ

ଭୁବନେଶ୍ୱର କଳିଙ୍ଗ ନଗରରେ ଅଞ୍ଚଳରେ ଜଣେ ଡାଇରିଆ ଆକ୍ରାନ୍ତ ରୋଗୀଙ୍କ ଚିହ୍ନଟ ପରେ ମହାନଗର ନିଗମ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ମେୟର ସୁଲୋଚନା ଦାସ ପରିସ୍ଥିତିର ସମୀକ୍ଷା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏ ପର୍ଯ୍ୟନ୍ତ ୬୨ ଜଣ ଆକ୍ରାନ୍ତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ବିଭିନ୍ନ ହୋଟେଲରେ ଖାଦ୍ୟର ମାନ ଏବଂ ଗୁଣବତ୍ତା ଯାଞ୍ଚ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଏହି ଯାଞ୍ଚ କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିଛନ୍ତି।  ପର୍ଯ୍ୟାୟକ୍ରମେ ଭୁବନେଶ୍ୱରର ସବୁ ହୋଟେଲରେ ଯାଞ୍ଚ କରାଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

***BBSR/R (Repeat)***

## ମଧ୍ୟାହ୍ନ ଭୋଜନ

ଗ୍ରୀଷ୍ମ ଅବକାଶ ପରେ ରାଜ୍ୟର ସମସ୍ତ ବିଦ୍ୟାଳୟ ଆସନ୍ତା ଶୁକ୍ରବାରଠାରୁ ଖୋଲିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି

ବିଜ୍ଞପ୍ତି ଅନୁଯାୟୀ ବିଦ୍ୟାଳୟ ଖୋଲିବା ଦିନଠାରୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଲାଗୁ ହେବ। ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିଶୁବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୨୦ ତାରିଖରୁ ମଧ୍ୟାହ୍ନ ଭୋଜନ ଦିଆଯିବ। ସବୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଗଚ୍ଛିତ ଥିବା ମଧ୍ୟାହ୍ନ ଭୋଜନ ସାମଗ୍ରୀର ସଠିକ୍ ମାନ ଯାଞ୍ଚ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ରୋଷଶାଳାକୁ ସମ୍ପୂର୍ଣ୍ଣ ପରିଷ୍କାର ଓ ବିଶୁଦ୍ଧିକରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଡି.ଇ.ଓ, ବି.ଇ.ଓ ଏବଂ ଏସ୍.ଆର୍.ସି.ସି. କ୍ଷେତ୍ର ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଏବଂ ପ୍ରଦାନ ନେଇ ଯାଞ୍ଚ କରିବେ। ସବୁ ବିଦ୍ୟାଳୟରେ ଖାଦ୍ୟ ପରୀକ୍ଷଣ ରେଜିଷ୍ଟର ରହିବ। ଅଭିଭାବକମାନେ ବିଶେଷ କରି ମା'ମାନେ ଖାଦ୍ୟ ଯାଞ୍ଚ କରିପାରିବେ ବୋଲି ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ବୁଧବାରଠାରୁ ଖୋଲିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

**Puri**

# ଡିଜିପି-ରଥଯାତ୍ରା

ଅଣସର ଘରେ ଥିବା ମହାପ୍ରଭୁଙ୍କୁ ଆଜି ଅନବସର ପଞ୍ଚମୀ ତିଥିରେ ବଡ଼ ଓଡ଼ିଆ ମଠ ପକ୍ଷରୁ ପ୍ରସ୍ତୁତ ଫୁଲୁରୀ ତେଲ ଲାଗି ହେବ। ଗତବର୍ଷର

ହେରା ପଞ୍ଚମୀ ଦିନଠାରୁ ଘଣାପେଢ଼ା ରାଶି ତେଲରେ କର୍ପୁର, ଚୁଆ, ପରଖ, ପିଙ୍ଗଳ ଆଦି ସହ ୧୪ ପ୍ରକାର ଫୁଲ ଓ ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଯାଇ ମାଟିତଳେ ଏକ ପାତ୍ରରେ ଦୀର୍ଘ ଏକ ବର୍ଷ ଧରି ପୋତାଯାଇ ସ୍ୱତନ୍ତ୍ର ଭାବେ ଔଷଧୀୟ ତୈଳ ପ୍ରସ୍ତୁତ କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ଏହି ତେଲକୁ ବାହାର କରାଯାଇଥିଲା। ପଞ୍ଚମୀ ତିଥିରେ ଆଜି ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି କରାଯିବ। ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବାପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଅଣସର ଘର ଦ୍ୱାର ଖୋଲାଯାଇ ଏହି ତେଲ ଲାଗି ନୀତି ଅନୁଷ୍ଠିତ ହେବ। ପତି ମହାପାତ୍ର ସେବକ ତିନୋଟି ରୂପା ପିଙ୍ଗଣରେ ଫୁଲରୀ ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କୁ ଶ୍ରୀଅଙ୍ଗରେ ଏହାକୁ ମର୍ଦ୍ଦନ କରିବେ। ଶାସ୍ତ୍ର ଅନୁସାରେ ବିଶ୍ୱାସ ରହିଛି, ଏହି ତେଲ ଲାଗି ପରେ ଶ୍ରୀବିଗ୍ରହମାନଙ୍କର ଜ୍ୱର ଉପଶମ ହୋଇଥାଏ।

***Deogarh/Nuapada/Ganjam/Boudh***

## ଅଭିଯୋଗ ଶୁଣାଣି ଶିବିର

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଏହି ଶିବିରରେ ମୋଟ୍ ୬୮ ଗୋଟି ଆପତ୍ତି

ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୬୧ଟି ବ୍ୟକ୍ତିଗତ ମାମଲା ଓ ୭ଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା।

ଗଞ୍ଜାମ ଜିଲ୍ଲା ଭଞ୍ଜନଗରରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନସମାଧାନ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ପ୍ରମୁଖ ଅଭିଯୋଗର ଶୁଣାଣିରେ ମୋଟ୍ ୧୮୪ଟି ଅଭିଯୋଗପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ୧୭୧ଟି ଥିବାବେଳେ ଗ୍ରାମୀଣ ଅଭିଯୋଗ ୧୩ଟି ଥିଲା। ସେଥିରୁ ତ୍ୱରିତ ୬ଟି ଅଭିଯୋଗର ଫଇସଲା କରାଯାଇଥିଲା।

ନୂଆପଡ଼ା ଜିଲ୍ଲାରେ ଆଜି ୧୦୬ଟି ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଛି। ସେଥିରୁ ୮୮ଟି ବ୍ୟକ୍ତିଗତ ଓ ୧୮ଟି ଗୋଷ୍ଠୀଗତ ଅଭିଯୋଗ ଶୁଣାଣି ରହିଥିଲା।

ଦେବଗଡ଼ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଆଜି ୫୦ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

***Nayagarh***

## ଧରିତ୍ରୀ ଆବା ଯୋଜନା

କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉନ୍ନତ ଅଭିଯାନ ଯୋଜନାରେ ଅନ୍ତର୍ଭୁକ୍ତ ନୟାଗଡ଼ ଜିଲ୍ଲାର ୧୧୩ଟି ଗ୍ରାମର ସଚେତନତା ଓ ସଫଳ ହିତାଧିକାରୀଙ୍କ ପାଇଁ

ଏକ ଜିଲ୍ଲାସ୍ତରୀୟ ପ୍ରାକ୍ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ ଏହି ଯୋଜନାର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ନୟାଗଡ଼ ଜିଲ୍ଲାର ଦଶପଲ୍ଲା, ବଣିଆ ଓ ନୂଆଗାଁର ଅନୁସୂଚିତ ଜନଜାତି ବହୁଳ ମୋଟ୍ ୧୧୩ଟି ଗ୍ରାମକୁ ଏହି ଯୋଜନରେ ସାମିଲ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାଗୁଡ଼ିକ କିଭଳି ଏହି ଗ୍ରାମର ଲୋକମାନଙ୍କ ନିକଟରେ ପହଁଞ୍ଚିବ ସେ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

***BHK***

## ଭଦ୍ରକ- ଡାଇରିଆ

ଭଦ୍ରକ ଜିଲ୍ଲାର ଧାମନଗର, ତିହିଡ଼ି, ଚାନ୍ଦବାଲି, ବାସୁଦେବପୁର, ଭଣ୍ଡାରୀପୋଖରୀ ବ୍ଲକରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ଅଧିକ ଥିବା ଜଣାପଡ଼ିଛି। ଆକ୍ରାନ୍ତମାନେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ସଂକ୍ରମଣକୁ ରୋକିବା ନେଇ ଏକ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆଜି ଶୁଭାରମ୍ଭ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଉଛି ଏବଂ ବାସି ଖାଦ୍ୟକୁ ବିକ୍ରି କରୁଥିବା ବ୍ୟବସାୟୀଙ୍କଠାରୁ ଜୋରିମାନା ଆଦାୟ କରାଯାଉଛି।

*Ganjam*

## ପଞ୍ଚାୟତ ଆଡଭାନ୍ସମେଣ୍ଟ ଇଣ୍ଡେକ୍ସ-୨.୦

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦ ଭବନରେ ଆଜି ପଞ୍ଚାୟତ ଆଡଭାନ୍ସମେଣ୍ଟ ଇଣ୍ଡେକ୍ସ-୨.୦ ଆର୍ଥିକ ବର୍ଷ ୨୦୨୫-୨୬ ସମ୍ବନ୍ଧୀୟ ସରପଞ୍ଚମାନଙ୍କର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ କର୍ମଶାଳାରେ ଭାଗ ନେଇ ସେମାନଙ୍କ ପଞ୍ଚାୟତରେ ସରକାରୀ କାର୍ଯ୍ୟ ଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ନେଇ ଖସଡ଼ା ସମ୍ପର୍କରେ ଆଲୋଚନା କରିଥିଲେ। ଭୂତଳ ଜଳର ସଂରକ୍ଷଣ କିପରି କରାଯାଇପାରିବ, ପଞ୍ଚାୟତରେ ଲୋକମାନଙ୍କୁ ରୋଜଗାର କ୍ଷମ ଭଳି ୯ଟି ମାନଦଣ୍ଡରେ ଖସଡ଼ା ପ୍ରସ୍ତୁତ କରିବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା।

*Boudh*

## ଜମି ପଟ୍ଟା ବଣ୍ଟନ

ବୌଦ୍ଧ ଜିଲ୍ଲା କଚେରୀ ପଡ଼ିଆଠାରେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳାରେ ମହିଳା ଓ ଶିଶୁ ବିଭାଗ ଓ ଅନସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ହିତାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବିଭାଗ ପକ୍ଷରୁ ଅତିଥିମାନେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ପକ୍ଷରୁ ଜଙ୍ଗଲ ଅଧିକାର ନିୟମ-୨୦୦୬ ଅନୁଯାୟୀ, ମୋଟ୍ ୧୨ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପଟ୍ଟା ବଣ୍ଟନ କରାଯାଇଥିଲା ।

*******************************